ଧରିତ୍ରୀ
DHARITRI
ସୋମବାର, ୨୪ ସେପ୍ଟେମ୍ବର, ୨୦୧୮



## ସଂକ୍ଷେପରେ

### ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ; ଥାନାରେ ଏତଲା

ବ୍ରହ୍ମପୁର ଅଫିସ୍,୨୩।୯: ବ୍ରହ୍ମପୁର ରେଳ ଷ୍ଟେଶନ୍ ରାସ୍ତାରେ ଶନିବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଥିବା ଗୋଷାଣୀନୂଆଗାଁ ଥାନାରେ ଅଭିଯୋଗ ହୋଇଛି । ଆକ୍ରମଣରେ ନେହେରୁନଗର ଅଷ୍ଟମ ଲେନ୍‌ର ନୀତେନ କୁମାର ସାହୁ ଆହତ ହୋଇଥିବା ଜଣାପଡିଛି। ଶନିବାର ବିଳମ୍ବିତ ରାତ୍ରିରେ ନୀତେନ୍ ଘରକୁ ଫେରୁଥିବା ବେଳେ ପାଞ୍ଚରୁ ଛଅ ଜଣ ଯୁବକ ତାଙ୍କୁ ଗାଳିଗୁଲଜ କରିବା ସହ ମାଡ ମାରିଥିଲେ। ଏନେଇ ଥାନାରେ ଏତଲା ଦେବା ପରେ ପୋଲିସ ନଂ. ୧୧୦/୧୮ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଆଇଆଇସି କୁଳମଣି ସେଠୀ କହିଛନ୍ତି । ଆକ୍ରମଣର କାରଣ ଜଣାପଡି ନାହିଁ ।

### ୭୧ ୟୁନିଟ ରକ୍ତ ସଂଗ୍ରହ



ବ୍ରହ୍ମପୁର ଅଫିସ,୨୩।୯-ବ୍ରହ୍ମପୁର ଟେଣ୍ଟ ଓ ସପ୍ଲାୟର୍ସ ମାଲିକ ୱେଲ୍‌ଫେୟାର ଆସୋସିଏଶନ ପକ୍ଷରୁ ରବିବାର ତୃତୀୟ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ହିଲପାଟଣାସ୍ଥ ବିଜୁ ପଟ୍ଟନାୟକ ସାଂସ୍କୃତିକ ଭବନରେ ହୋଇଥିବା ଶିବିରରେ ୭୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଶିବିରକୁ ସ୍ଥାନୀୟ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ, ମେୟର କେ. ମାଧବୀ, ବିଡିଏ ଅଧକ୍ଷ ସୁବାସ ଚନ୍ଦ୍ର ମହାରଣା, ବିସିସି ବ୍ୟାଙ୍କ ସଭାପତି ଅଲେଖ ଚୌଧୁରୀ, ଯୁବନେତା ବିକ୍ରମ ପଣ୍ଡା ସମ୍ମାନିତ ଅତିଥି ଥିଲେ। ଜୀବନ ରକ୍ଷା ପାଇଁ ରକ୍ତଦାନ ମହତ ଦାନ ହୋଇଥିବାରୁ ଲୋକେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିବାକୁ ଆହ୍ୱାନ ଦିଆଯାଇଥିଲା। ଶିବିରକୁ ଆସୋସିଏଶନ ସଭାପତି କିରଣ କୁମାର ସୁବୁଦ୍ଧି, ଉପସଭାପତି ଭଗବାନ ପଣ୍ଡା, ସମ୍ପାଦକ ବୁନୁ ପଟ୍ଟନାୟକଙ୍କ ସମେତ ସୁଦୀପ୍ତ ପଟ୍ଟନାୟକ, ଅଜିତ କୁମାର ପଟ୍ଟନାୟକ, ପ୍ରଦୀପ କୁମାର ପାତ୍ର, ଦଣ୍ଡ ମିଶ୍ର, ବିଘ୍ନେଶ୍ୱର ସାହୁ ଓ ରାଜେନ୍ଦ୍ର ଚୌଧୁରୀ ପ୍ରମୁଖ କର୍ମକର୍ତ୍ତାମାନେ ସଂଯୋଜନା କରିଥିଲେ । ଆସୋସିଏଶନର ଏହି ପଦକ୍ଷେପକୁ ଅତିଥିମାନେ ପ୍ରଶଂସା କରିଥିଲେ । ସଂଗୃହୀତ ରକ୍ତ ରେଡକ୍ରସ ରକ୍ତ ଭଣ୍ଡାରକୁ ନିଆଯାଇଥିଲା ।

## ଏମ୍‌କେସିଜିରୁ ଶିଶୁ କନ୍ୟା ଅପହରଣ ଘଟଣା

# ୧୨ ଘଣ୍ଟା ପରେ ମା' କୋଳକୁ ଫେରିଲା ଶିଶୁ

ବ୍ରହ୍ମପୁର ଅଫିସ୍,୨୩।୯

- ଅପହରଣକାରୀ ମହିଳା ଗିରଫ
- ଶନିବାର ମଧ୍ୟାହ୍ନରେ ଘଟିଥିଲା ଅପହରଣ ଘଟଣା
- ଶିଶୁ କନ୍ୟାକୁ ଉଦ୍ଧାର ପାଇଁ ଗଠନ ହୋଇଥିଲା ୨ ପୋଲିସ୍ ଟିମ୍

ବ୍ରହ୍ମପୁର ଏମ୍‌କେସିଜିରୁ ଶନିବାର ୨ ଦିନର ଶିଶୁ କନ୍ୟା ଅପହରଣ ଘଟଣାର ୧୨ ଘଣ୍ଟା ପରେ ବୈଦ୍ୟନାଥପୁର ଥାନା ପୋଲିସ ଶିଶୁ କନ୍ୟାକୁ ଉଦ୍ଧାର କରିବା ସହିତ ଅପହରଣକାରୀ ମହିଳାଙ୍କୁ ଗିରଫ କରିଥିବା ରବିବାର ବୈଦ୍ୟନାଥପୁର ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଶାନ୍ତନୁ ଦାସ ଏବଂ ପ୍ରଭାତ ରାଉତରାୟ ପ୍ରକାଶ କରିଛନ୍ତି। ଗିରଫ ମହିଳା ଜଣକ ହେଲେ ଜରଡା ଥାନା ତିତିଗାଁର କୁନି ପ୍ରଧାନ(୨୦)। ସେ ୩ ବର୍ଷ ପୂର୍ବେ ସେହି ଥାନା ଅଧୀନ ନାରାୟଣପୁର ଗ୍ରାମରେ ବିବାହ କରିଥିଲେ। ଗତ କିଛି ଦିନ ତଳେ କୁନିଙ୍କର ଏକ ସନ୍ତାନ ପ୍ରସବ ହୋଇଥିବା ବେଳେ କୌଣସି କାରଣରୁ ତା'ର ମୃତ୍ୟୁ ଘଟିଥିବା ଯୋଗୁ ସେ ମାନସିକ ଚାପରେ ରହୁଥିଲେ । ଏପରିକି ଗତ ୪ ଦିନ ଧରି ଏମ୍‌କେସିଜି ମେଡିକାଲରେ ଏଣେତେଣେ ବିଭିନ୍ନ ଶଯ୍ୟା ନିକଟକୁ ଯାଇ ପ୍ରସବ ମହିଳାଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରୁଥିଲେ। ହେଲେ ଶନିବାର ମଧ୍ୟାହ୍ନରେ ଗୁରୁବାରୀ ନାୟକଙ୍କ ନାତୁଣୀଙ୍କୁ ସାହାଯ୍ୟ କରିବାକୁ ଯାଇ ସେହି ଶିଶୁ କନ୍ୟାକୁ କୋଳରେ ଧରି ଏକ ବେସରକାରୀ ଗାଡିରେ ମେଡିକାଲ ବାହରକୁ ଚାଲିଯାଇଥିଲେ । ପରେ କନିଷି ଗ୍ରାମ ନିକଟସ୍ଥ ସରସ୍ୱତୀନଗରରେ ରହୁଥିବା ତାଙ୍କ ଭାଇଙ୍କ ଘରକୁ ଯାଇଥିଲେ। ଶିଶୁ ନିଖୋଜ ଘଟଣା ପ୍ରଚାରିତ ହେବା ପରେ ସ୍ଥାନୀୟ କେତେକ ବ୍ୟକ୍ତି ଘଟଣା ସମ୍ପର୍କରେ ପୋଲିସକୁ ଅବଗତ କରିଥିଲେ । ସେପଟେ ଶିଶୁଟିକୁ ଉଦ୍ଧାର କରିବା ପାଇଁ ବ୍ରହ୍ମପୁର ପୋଲିସ ପକ୍ଷରୁ ଗଠନ ହୋଇଥିବା ଦୁଇଟି ଟିମ୍ ବିଭିନ୍ନ ସ୍ଥାନରେ ଚଢାଉ କରୁଥିବା ସମୟରେ ଖବରପାଇ ମହିଳା ଥିବା ଘରେ ପହଞ୍ଚିଥିଲା ବୈଦ୍ୟନାଥପୁର ପୋଲିସ। ମଧ୍ୟରାତ୍ରିରେ ଶିଶୁଟିକୁ ଉଦ୍ଧାର କରିବା ପରେ ଏମ୍‌କେସିଜିରେ ଥିବା ଶିଶୁର ମା'ଙ୍କୁ ଫେରାଇଥିଲା । ବୈଦ୍ୟନାଥପୁର ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଆଇଆଇସି ଜୟକୃଷ୍ଣ ପଟ୍ଟନାୟକ, ବଡବଜାର ଥାନା ଆଇଆଇସି ସୁରେଶ କୁମାର ତ୍ରିପାଠୀ, ଗୋଷାଣୀନୂଆଗାଁ ଥାନା ଆଇଆଇସି କୁଳମଣି ସେଠୀ, ଟାଉନଥାନା ଆଇଆଇସି ନୀହାର ରଞ୍ଜନ ପ୍ରଧାନ ଓ ତଦନ୍ତକାରୀ ଅଧିକାରୀ ସବିତା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ । ଶିଶୁଟି ନିଖୋଜ ହେବା ପରେ ବାପା ଭିକାରି ନାୟକଙ୍କ ଅଭିଯୋଗ କ୍ରମେ ବୈଦ୍ୟନାଥପୁର ଥାନାରେ ନଂ ୧୯୯/୧୮ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିଲା ।



ଗିରଫ ମହିଳାଙ୍କ ସହ ତଦନ୍ତକାରୀ ପୋଲିସ ଟିମ୍ ।

## ମୁସଲିମ୍ କଲଚୁରାଲ ଆସୋସିଏଶନର ସାମୂହିକ ବିବାହ ଉତ୍ସବ

# ବିବାହ କଲେ ୧୨ ହିନ୍ଦୁ, ମୁସଲମାନ ଦମ୍ପତି

ବ୍ରହ୍ମପୁର ଅଫିସ, ୨୩।୯

ଗଞ୍ଜାମ ମୁସଲିମ କଲଚୁରାଲ ଆସୋସିଏଶନ ପକ୍ଷରୁ ଖାଜାସାହିରେ ଗରିବ ତଥା ଆର୍ଥିକ ଅନଗ୍ରସର ପରିବାରର କନ୍ୟାମାନଙ୍କ ସାମୂହିକ ବିବାହ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି । ଉଭୟ ହିନ୍ଦୁ ଓ ମୁସଲିମ ସମ୍ପ୍ରଦାୟର ୧୨ ଦମ୍ପତିଙ୍କୁ ଆସୋସିଏଶନ ପକ୍ଷରୁ ବିବାହ ବନ୍ଧନରେ ଆବଦ୍ଧ କରାଯାଇଥିଲା । ସେମାନଙ୍କ ମଧ୍ୟରେ ୯ ମୁସଲିମ ଏବଂ ୩ ହିନ୍ଦୁ ସମ୍ପ୍ରଦାୟର କନ୍ୟାଙ୍କ ଧାର୍ମିକ ରୀତିନୀତି ଅନୁସାରେ ବିବାହ କରାଯାଇଥିଲା । ଏହି ଅବସରରେ କନ୍ୟାଙ୍କୁ ସମସ୍ତ ପ୍ରକାର ଅତ୍ୟାବଶ୍ୟକ ସାମଗ୍ରୀ ଅନୁଷ୍ଠାନ ପକ୍ଷରୁ ପ୍ରଦାନ କରାଯାଇଥିଲା । ଉତ୍ସବରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଦକ୍ଷିଣାଞ୍ଚଳ ଡିଆଇଜି ଆଶିଷ କୁମାର ସିଂ, ବ୍ରହ୍ମପୁର ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ବିଡିଏ ଅଧକ୍ଷ ସୁବାସ ମହାରଣା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ର ଶେଖର ସାହୁ, ଯୁବନେତା ବିକ୍ରମ ପଣ୍ଡା, ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରାଏ, ବ୍ରହ୍ମପୁର ମହାନଗର ନିଗମ କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର ପ୍ରମୁଖ ଅତିଥି ଭାବେ ଯୋଗଦେଇ ନବଦମ୍ପତିଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପାଇକାରୀ ଭଣ୍ଡାର ସଭାପତି ସୁଧୀର ରାଉତଙ୍କ ସମେତ କର୍ପୋରେଟର ସଙ୍ଘମିତ୍ରା ଦଳାଇ, ମମତା ବିଷୋୟୀ, ଆର. ମୁରଲୀମୋହନ ଉପସ୍ଥିତ ଥିଲେ । ଆସୋସିଏଶନ ସଭାପତି ଡ. ଏସ୍. ଇସ୍‌ମାଇଲ, ଉପସଭାପତି ଏଚ. ତାଉହିଦ ଅହମ୍ମଦ ଓ ହାଜି ସୟଦ ମମତାଜ, ସମ୍ପାଦକ ଜନାବ ରହିମ୍ ଖାନ, ଯୁଗ୍ମ ସମ୍ପାଦକ ହାଜି ମହମ୍ମଦ ଆସଲାମ, ଏଚ. ମହମ୍ମଦ ଫାଇଜୁଲ୍ଲା ଖାନଙ୍କ ସମେତ ସମସ୍ତ ସଦସ୍ୟ ଉତ୍ସବକୁ ପରିଚାଳନା କରିଥିଲେ ।





ସାମୂହିକ ବିବାହ ବନ୍ଧନରେ ବାନ୍ଧି ହୋଇଥିବା ମହିଳାମାନେ ।


## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା



ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।


## ସେଲ୍‌ଫି କର୍ଣ୍ଣର



@ ଦୀପକ



@ ଯଜ୍ଞ ନାରାୟଣ



@ ଜିତୁ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ଛାତ୍ରୀଛାତ୍ରଙ୍କ ସଚେତନତାକୁ ଗୁରୁତ୍ୱ

# ବିଦ୍ୟାଳୟ ପରିସରରେ ଔଷଧୀୟ ବଗିଚା

ବ୍ରହ୍ମପୁର ଅଫିସ୍,୨୩।୯

ଦୈନନ୍ଦିନ ଜୀବନରେ ମଣିଷ ଶରୀରରେ ଦେଖାଦେଉଥିବା ଅନେକ ପ୍ରକାର ରୋଗର ଔଷଧ ବୃକ୍ଷରେ ରହିଛି । ପୁରାତନ ସମୟରେ ଔଷଧ ପାଇଁ ବୃକ୍ଷକୁ ହିଁ ବ୍ୟବହାର କରାଯାଉଥିଲା। ସେହି ସମୟର ବଇଦମାନେ ଔଷଧୀୟ ବୃକ୍ଷଗୁଡ଼ିକ ସମ୍ପର୍କରେ ବେଶ୍ ଜ୍ଞାନୀ ଥିଲେ, କିନ୍ତୁ ଏବେ ସମୟ ବଦଳିଛି । ଔଷଧୀୟ ବୃକ୍ଷର ବ୍ୟବହାର ଅନେକ ପରିମାଣରେ କମିଛି। ଆଗାମୀ ପିଢ଼ିକୁ ଔଷଧୀୟ ବୃକ୍ଷ ସମ୍ପର୍କରେ ସଚେତନ କରିବା ପାଇଁ ବ୍ରହ୍ମପୁର ହିଲ୍‌ପାଟଣା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତରଫରୁ ଅଭିନବ ପଦକ୍ଷେପ ନିଆଯାଇଛି। ବିଦ୍ୟାଳୟରେ ଏକ ଔଷଧୀୟ ବଗିଚା ତିଆରି କରାଯାଇଛି ।

ବିଦ୍ୟାଳୟର ପାଠ୍ୟକ୍ରମରେ ଔଷଧୀୟ ବୃକ୍ଷ ସମ୍ପର୍କରେ ଅନେକ ବିଷୟ ରହିଛି। କେତେକ ଛାତ୍ରୀଛାତ୍ର ଦେଖିବା ଫଳରେ ହିଁ, ତାହାକୁ ବୁଝିବାକୁ ସକ୍ଷମ ହୋଇଥାନ୍ତି। ସେଥିପାଇଁ ବିଦ୍ୟାଳୟରେ ଏକ ଔଷଧୀୟ ବଗିଚା ତିଆରି କରିବା ପାଇଁ ପଦକ୍ଷେପ ନିଆଯାଇଛି। ପ୍ରଧାନ ଶିକ୍ଷକ ରାଧା ବଲ୍ଲଭ ପଟ୍ଟନାୟକଙ୍କ କହିବାନୁଯାୟୀ, ଆମ ଆଖପାଖରେ ଅନେକ ଔଷଧୀୟ ବୃକ୍ଷ ରହିଛି। କିନ୍ତୁ ଆମକୁ ତାର ବ୍ୟବହାର ସମ୍ପର୍କରେ ଜଣା ନାହିଁ । ଏ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସଚେତନ କରିବା ପାଇଁ ଏହି ବଗିଚା ତିଆରି କରାଯାଇଛି । ଏଥିରେ ବିଭିନ୍ନ ପ୍ରକାର ଔଷଧୀୟ ବୃକ୍ଷ ଯଥା, ତୁଳସୀ, ଅଁଳା, ଅର୍ଜୁନ, ବାହାଡ଼ା, ବିଶଲ୍ୟକରଣୀ, ଘିକୁଆଁରୀ, ତେଜପତ୍ର, ହଳଦୀ ଓ ଦୁବ ଘାସ ଭଳି ପ୍ରାୟ ୧୫ପ୍ରକାର ଚାରା ରୋପଣ କରାଯାଇଛି । ଏଗୁଡ଼ିକର ରକ୍ଷଣାବେକ୍ଷଣ ଦାୟିତ୍ୱ ଛାତ୍ରୀଛାତ୍ରମାନେ ନିଜେ ନେଉଛନ୍ତି । ନିୟମିତ ପାଣି ସିଞ୍ଚନ ସହ ସଫା କରୁଛନ୍ତି। ଶ୍ରେଣୀରେ ପାଠ ପଢ଼ାଇବା ସମୟରେ ଏହି ବୃକ୍ଷଗୁଡ଼ିକର ଉପାଦେୟତା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ କୁହାଯାଉଛି । ସେହିଭଳି ବିଦ୍ୟାଳୟ ସମ୍ମୁଖ ଭାଗରେ 'ଆମ ବିଦ୍ୟାଳୟ ବଗିଚା' ମଧ୍ୟ ତିଆରି କରାଯାଇଛି । ସେଠାରେ ପ୍ରୋଟିନ୍ ଯୁକ୍ତ ଏବଂ ଫୁଲ ଚାରାରୋପଣ କରାଯାଇଛି । ଏଗୁଡ଼ିକର ରକ୍ଷଣାବେକ୍ଷଣ ଦାୟିତ୍ୱ ମଧ୍ୟ ଛାତ୍ରୀଛାତ୍ରମାନେ ନିଜ ହାତକୁ ନେଇଛନ୍ତି । ଗଣଶିକ୍ଷା ବିଭାଗର ନିର୍ଦ୍ଦେଶ ଅନୁଯାୟୀ ଏହି ବଗିଚା ତିଆରି କରାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି ।

କେବଳ ଏତିକି ନୁହେଁ, ଏହି ବିଦ୍ୟାଳୟ ବର୍ତ୍ତମାନ ଶୈକ୍ଷିକ ବାତାବରଣ ପାଇଁ ଗଞ୍ଜାମ ଜିଲା ଅଗ୍ରଣୀ ସ୍ଥାନ ଅଧିକାର କରିଛି । ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ୧୬୩ ଛାତ୍ରୀଛାତ୍ର ପଢ଼ୁଛନ୍ତି। ପ୍ରତ୍ୟେକ ଶ୍ରେଣୀ ଗୃହରେ 'ଝୁଲନ୍ତା ପାଠାଗାର' ରହିଛି । ଯେଉଁଥିରେ ଅନେକ ପ୍ରକାର ପଠନୀୟ ଏବଂ ବ୍ୟବହାରିକ ଜ୍ଞାନପ୍ରଦାନ କରୁଥିବା ପୁସ୍ତକଗୁଡ଼ିକ ରଖାଯାଇଛି। ବିଦ୍ୟାଳୟର ଛାତ୍ର ଦେବ ପ୍ରସାଦ ମହାନ୍ତି ଏବଂ ଛାତ୍ରୀ ଏ.ଶ୍ରୀବେଣୀ ବ୍ରହ୍ମପୁର ମହାନଗରସ୍ତରରେ ବୃତ୍ତି ପାଇଛନ୍ତି। ଏଥି ସହ ବିଭିନ୍ନ ପ୍ରକାର ପ୍ରତିଯୋଗିତାରେ ଛାତ୍ରୀଛାତ୍ରମାନେ ସଫଳତା ଅର୍ଜନ କରୁଛନ୍ତି । ସ୍ୱଚ୍ଛ ଭାରତ ଅଭିଯାନ ଏବଂ ଜଳ ସଂରକ୍ଷଣ ଭଳି ଅନେକ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଉଛି । ଛାତ୍ରୀଛାତ୍ରଙ୍କୁ ନୈତିକ ଶିକ୍ଷା ଦେବା ପାଇଁ ଶ୍ରେଣୀଗୃହଗୁଡ଼ିକରେ ଅନେକ ପ୍ରକାର ଚିତ୍ରାଙ୍କନ କରାଯାଇଛି । ଗତ ଗୁରୁଦିବସରେ 'ତଳେ ବସିବାକୁ ନା' ଅଭିଯାନ କ୍ରମରେ ଶ୍ରେଣୀଗୃହଗୁଡ଼ିକରେ ଚୌକି ଟେବୁଲ୍ ବ୍ୟବସ୍ଥା କରାଯାଇଛି ।



ବିଦ୍ୟାଳୟ ପରିସରରେ ଥିବା ଔଷଧୀୟ ବଗିଚା ।

## ସବୁଜ ବାହିନୀ ଆରମ୍ଭ କଲା ଅଭିନବ ପ୍ରୟାସ

# କଣ୍ଟା ଯନ୍ତ୍ରଣାରୁ ବୃକ୍ଷ ମୁକ୍ତି

ବ୍ରହ୍ମପୁର ଅଫିସ୍,୨୩।୯

ବ୍ରହ୍ମପୁରର ସହରରେ ଥିବା ବୃକ୍ଷଗୁଡ଼ିକରେ ବିଜ୍ଞାପନ ଫଳକ ଲଗାଇବା ଏବଂ ଅନ୍ୟାନ୍ୟ ବ୍ୟବହାର ପାଇଁ କଣ୍ଟା ମରାଯାଉଥିଲା । ଫଳରେ ବୃକ୍ଷଗୁଡ଼ିକ ସମୟ ପୂର୍ବରୁ ମରିଯାଉଥିଲା। ବୃକ୍ଷଗୁଡ଼ିକ ଭିତରୁ ଫମ୍ପା ହୋଇଯାଉଥିଲା। ଏଭଳି ପରିସ୍ଥିତିରେ କଣ୍ଟା ଯନ୍ତ୍ରଣାରୁ ବୃକ୍ଷକୁ ମୁକ୍ତି ଦେବା ପାଇଁ ପଦକ୍ଷେପ ନେଇଛି ସାମାଜିକ ସଂଗଠନ 'ସବୁଜ ବାହିନୀ' । ରବିବାର ଏହି ସଂଗଠନ ତରଫରୁ ସହରର ଗାନ୍ଧୀନଗର ମୁଖ୍ୟ ରାସ୍ତାରେ ଥିବା ବୃକ୍ଷଗୁଡ଼ିକରୁ କଣ୍ଟା ବାହାର କରାଯାଇଥିଲା। ଏଥିରେ ବନ ବିଭାଗ ଏବଂ ଅନ୍ୟ କେତେକ ସଂଗଠନ ସହଯୋଗ କରିଥିଲେ । ଏଣିକି ସବୁ ରବିବାର ସଂଗଠନର ସଦସ୍ୟମାନେ ସହର ସାରା ବୁଲି ଗଛରୁ କଣ୍ଟା ବାହାର କରିବେ ବୋଲି ପ୍ରକାଶ କରିଛନ୍ତି ।

ରବିବାର ସକାଳେ ସ୍ଥାନୀୟ ପୁରୁଣା ବସ୍‌ଷ୍ଟାଣ୍ଡରେ ଏହି ଅଭିଯାନର ଶୁଭାରମ୍ଭ କରାଯାଇଥିଲା । ସେଠାରୁ ଏକ ସଚେତନତା ଶୋଭାଯାତ୍ରା ବାହାରିଥିଲା। ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ କହିଥିଲେ ଯେ, ବୃକ୍ଷରେ କଣ୍ଟା ମାରି ବିଜ୍ଞାପନ ଲଗାଇବା ନିନ୍ଦନୀୟ କାର୍ଯ୍ୟ। ମାଗଣା ପ୍ରଚାର ପାଇଁ ବୃକ୍ଷକୁ କଷ୍ଟ ଦେଉଛନ୍ତି । ସମ୍ପୃକ୍ତ ସଂସ୍ଥାଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଯେଉଁ ବିଜ୍ଞାପନ ସଂସ୍ଥା କିମ୍ବା ଘରୋଇ କମ୍ପାନୀ, ସହରର କୌଣସି ବୃକ୍ଷରେ ବିଜ୍ଞାପନ ଫଳକ ଲଗାଇଥିବ, ସେମାନଙ୍କ ବିରୋଧରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ନିଆଯିବ । ଏନେଇ ବ୍ରହ୍ମପୁର ମହାନଗର ନିଗମ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯିବ ବୋଲି ସେ ଚେତାବନୀ ଦେବା ସହ ସବୁଜ ବାହିନୀର ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ । ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ)ର ଅଧ୍ୟକ୍ଷ ସୁବାସ ମହାରଣା କହିଥିଲେ, ଗଛଟିଏ ଲଗାଇବାଠାରୁ ବଡ଼ ହେବା ଯାଏ, ତାର ଲାଳନପାଳନ ପାଇଁ ବହୁ କଷ୍ଟ କରିବାକୁ ପଡୁଛି । କିଛି ଲୋକ ନିଜର ସ୍ୱାର୍ଥ ପାଇଁ ଗଛଗୁଡ଼ିକୁ ନିର୍ଯାତନା ଦେଉଛନ୍ତି । ସହରର ଅନେକ ଗଛରେ ବିଜ୍ଞାପନ ଫଳକ ଲାଗିଥିବା ଦୃଷ୍ଟିକୁ ଆସିଛି। ଏଣିକି ଯେଉଁମାନେ ବିଜ୍ଞାପନ ଫଳକ ଲଗାଇବେ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ପ୍ରକାଶ କରିଥିଲେ। ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ଆଶିଷ ବେହେରା କହିଥିଲେ, ବୃକ୍ଷ ନିଃସ୍ୱାର୍ଥପର ଭାବରେ ଆମକୁ ସବୁ ଦେଉଛି । ପ୍ରତିବଦଳରେ କିଛି ମାଗୁନାହିଁ । କିନ୍ତୁ ଆମର ଲୋକମାନେ ବୃକ୍ଷକୁ ଯନ୍ତ୍ରଣା ଦେଇ ତାକୁ କଣ୍ଟମାଳ ପିନ୍ଧାଇ ଦେଇଛନ୍ତି । ସେଥିରୁ ବୃକ୍ଷକୁ ମୁକ୍ତି ଦେବାର ଆବଶ୍ୟକତା ରହିଛି । ବିଗତ କିଛି ବର୍ଷ ଭିତରେ ଆମେ ଅନେକ ପ୍ରଳୟଙ୍କାରୀ ଝଡ଼ର ସମ୍ମୁଖୀନ ହୋଇଛୁ। ଏହାର ପ୍ରଭାବରେ ବହୁ ବୃକ୍ଷ ଟଳିପଡ଼ିଛି । ଯେତିକି ବଞ୍ଚିଛି, ତାକୁ ଭଲରେ ବଞ୍ଚିବାକୁ ଦେବା । ଉଦ୍ଭିଦ ବିଜ୍ଞାନୀ ପ୍ରଫେସର ସଚ୍ଚିଦାନନ୍ଦ ପାଢୀ ଏବଂ ବ୍ରହ୍ମବିହାରୀ ପଣ୍ଡା ଯୋଗଦେଇ ବୃକ୍ଷରେ କଣ୍ଟାମାରିବା ଫଳରେ ଏହାର କୁପ୍ରଭାବ ଉପରେ ଆଲୋକପାତ କରିଥିଲେ । ବୃକ୍ଷରେ ସୃଷ୍ଟି ହୋଇଥିବା କ୍ଷତକୁ କେମିତି ଭରାଯାଇପାରିବ, ସେନେଇ ସୂଚନା ଦେଇଥିଲେ । ସବୁଜ ବାହିନୀ ସଭାପତି ଶିବରାମ ପାଣିଗ୍ରାହୀ କହିଥିଲେ, ବୃକ୍ଷ ରୋପଣ ସହ ତାହାର ସୁରକ୍ଷାକୁ ସଂଗଠନ ସର୍ବଦା ଗୁରୁତ୍ୱ ଦେଇଥାଏ । ଗତ ସପ୍ତାହରେ ସହର ସାରା ବୁଲିବା ବେଳେ ବୃକ୍ଷରେ କଣ୍ଟା ଲାଗିଥିବା ଦେଖିବାକୁ ମିଳିଥିଲା । ସେଥି ପାଇଁ ଏହି ପଦକ୍ଷେପ ନିଆଯାଇଛି । ଏଣିକି ସବୁ ରବିବାର ବୁଲି ବୁଲି ବୃକ୍ଷରୁ କଣ୍ଟା ବାହାର କରାଯିବ ବୋଲି ସେ କହିଥିଲେ ।

ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ବନଖଣ୍ଡ, ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ), ମାରୱାଡ଼ି ମହିଳା ସମିତି, ବର୍ଦ୍ଧିଷ୍ଣୁ ଓଡ଼ିଶା ଏବଂ ଆଞ୍ଚଳିକ ବିକାଶ ପରିଷଦ ସହଯୋଗ କରିଥିଲେ । କର୍ପୋରେଟର୍ ସଂଘମିତ୍ରା ଦଳେଇ, ଜିଲା ଇକୋ କ୍ଲବ ସଂଯୋଜକ ଶଙ୍କର ନାରାୟଣ ବେଜ୍, ସାଗର କୁମାର ପାତ୍ର, କବିରାଜ ଗୌଡ଼, ମମତା ଚୌଧୁରୀ, ମଞ୍ଜୁଳା ତ୍ରିପାଠୀ, ବ୍ରହ୍ମପୁର ରେଞ୍ଜର୍ ଏ.ରାଜା ରାଓ ସୁବୁଦ୍ଧି, ଟି. ଗୋପୀ, ଏମ୍.ଦିଲୀପ କୁମାର, ବନମାଳୀ ପ୍ରଧାନ, ବିଜେନ୍ଦ୍ର ମାଝି, ସଞ୍ଜୟ ପାତ୍ର, ଦୀପକ ପାତ୍ର ଓ ଶିବ ପାତ୍ରଙ୍କ ସମେତ ବହୁ ପରିବେଶ ପ୍ରେମୀ ଭାଗ ନେଇଥିଲେ ।





ଏକ ବୃକ୍ଷରୁ କଣ୍ଟା ବାହାର କରାଯାଉଛି ।

### ଗଛରେ କଣ୍ଟା ମାରିଲେ କାର୍ଯ୍ୟାନୁଷ୍ଠାନ: ବିଧାୟକ

## ସଂକ୍ଷେପରେ

### ଗ୍ରୀଲ ଭାଙ୍ଗି ଆଲମିରା ଚୋରି, ପାହାଡ଼ରୁ ଉଦ୍ଧାର



ହିଞ୍ଜିଳିକାଟୁ,୨୩।୯(ଡି.ଏନ୍.ଏ.): ହିଞ୍ଜିଳିକାଟୁ ଗାୟତ୍ରୀ ନଗର ୨ୟ ଲେନ୍ ବାସିନ୍ଦା ଭାଇଗ ମାଝିଙ୍କ ଘର ଗ୍ରୀଲ ଭାଙ୍ଗି ଦୁର୍ବୃତ୍ତମାନେ ଶନିବାର ମଧରାତିରେ ଲୁହା ଆଲମିରା ନେଇଯାଇଥିଲେ। ଏ ନେଇ ଭାଇଗ ଥାନାରେ ରବିବାର ସକାଳେ ଅଭିଯୋଗ କରିଥିଲେ। ନଂ.୨୪୩/୧୮ରେ ଏକ ମାମଲା ରୁଜୁ କରି ପୋଲିସ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲା। ନିର୍ମାଣାଧୀନ କୋର୍ଟ କୋଠା ନିକଟ ସର ପାହାଡ଼ରୁ ଉକ୍ତ ଆଲମିରାକୁ ପୋଲିସ ଉଦ୍ଧାର କରିଛି। ସେଥିରେ ଥିବା ସମସ୍ତ ଜିନିଷ ମିଳିଥିଲେ ମଧ ଅଭିଯୁକ୍ତମାନଙ୍କୁ ଠାବ କରାଯାଇ ପାରିନାହିଁ। ଚୋରି ଘଟଣାରେ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ସଂପୃକ୍ତି ଥିବା ସନ୍ଦେହ କରାଯାଉଛି। ସେମାନଙ୍କୁ ଧରିବାକୁ ତନାଘନା ଚାଲିଛି ବୋଲି ହିଞ୍ଜିଳିକାଟୁ ଥାନା ଆଇଆଇସି ପ୍ରଶାନ୍ତ କୁମାର ସାହୁ କହିଛନ୍ତି। ସୂଚନାଯୋଗ୍ୟ, ଭାଇଗଙ୍କ ଘରୁ ଚୋରି ହୋଇଥିବା ଉକ୍ତ ଲୁହା ଆଲମିରାରେ ପ୍ରାୟ ୧୭ ତୁଳା ସୁନା ଅଳଙ୍କାର,୬ଟି ବ୍ୟାଙ୍କ ପାସ ବହି, ନଗଦ ୧୨ ହଜାର ଟଙ୍କା, ଘରର ଦସ୍ତାବିଜ ଆଦି ରହିଥିଲା। ଉକ୍ତ ଆଲମିରା ସହ ସମସ୍ତ ଜିନିଷକୁ ପୋଲିସ ଉଦ୍ଧାର କରି ଭାଇଗଙ୍କୁ ହସ୍ତାନ୍ତର କରିଛି।

### ଯୁବ ରେଡକ୍ରସ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଆସିକା,୨୩।୯(ଡି.ଏନ.ଏ.): ଆସିକା ବ୍ଲକ କେନ୍ଦୁପଦରସ୍ଥିତ ଏନ.ବି.ସି. କଲେଜ ପରିସରରେ ଶୁକ୍ରବାରଠାରୁ ଚାଲିଥିବା ଜିଲାସ୍ତରୀୟ ଯୁବ ରେଡକ୍ରସ ପ୍ରଶିକ୍ଷଣ ଶିବିର ରବିବାର ଉଦ୍‌ଯାପିତ ହୋଇଛି। କେନ୍ଦୁପଦର କଲେଜ ଅଧକ୍ଷ ଡ. ସନ୍ତୋଷ କୁମାର ଆପଟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଯାପନୀ ସମାରୋହରେ ବ୍ଲକ ଅଧକ୍ଷ ହରେକୃଷ୍ଣ ମଲିକ ମୁଖ୍ୟ ଅତିଥି, କ୍ଷତ୍ରିୟବରପୁର କଲେଜ ଅଧକ୍ଷ ଅମୂଲ୍ୟ ଦାସ ମୁଖ୍ୟବକ୍ତା ଏବଂ ଯୁବ ରେଡକ୍ରସର ରାଜ୍ୟ ପର୍ଯ୍ୟବେକ୍ଷକ ସାନ୍ତନୁ କୁମାର ପରିଡା ସମ୍ମାନିତ ଅତିଥି ରୂପେ ଯୋଗଦେଇ ରେଡକ୍ରସର ସ୍ୱେଚ୍ଛାସେବୀମାନଙ୍କ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲା ସଂଯୋଜକ ବି. ଗୋବିନ୍ଦ ରାଓ ଶିବିରରେ ଅନୁଷ୍ଠିତ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଅଧାପକ ରବିନାରାୟଣ ପାତ୍ର, ଯୁବ ରେଡକ୍ରସ ଉପଦେଷ୍ଟା ହରିଶଙ୍କର ପାଣ୍ଡେ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଉଦଯାପନୀ ଦିବସରେ ସ୍ୱେଚ୍ଛାସେବୀମାନଙ୍କ ସଚେତନତା ଶୋଭାଯାତ୍ରା କେନ୍ଦୁପଦର ଗ୍ରାମ ପରିକ୍ରମା କରିଥିଲା। ସେଫାଳି ପଟ୍ଟନାୟକ, ଲକ୍ଷ୍ମୀପ୍ରିୟା ବେହେରା, ଅଧାପକ ଲୋକନାଥ ମହାନ୍ତି, ଅନୁପ କୁମାର ଷଡଙ୍ଗୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ଜଗନ୍ନାଥ ବିଷୋୟୀ ଓ ଯଶୋଦା ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା।

### ଫେରାର ଅଭିଯୁକ୍ତ ଗିରଫ

ବୁଗୁଡ଼ା,୨୩।୯(ଡି.ଏନ.ଏ.): ବୁଗୁଡ଼ା ଥାନା ଭୋଗଡ଼ା ଗ୍ରାମର ଜଣେ ଫେରାର ଅଭିଯୁକ୍ତଙ୍କୁ ପୋଲିସ ରବିବାର ୱାରେଣ୍ଟ ବଳରେ ଗିରଫ କରିଛି। ସେ ହେଲେ ଉକ୍ତ ଗ୍ରାମର ଜଗୁ ନାୟକ। ଏନେଇ ଜିଆର କେସ ନଂ. ୨୩୩/୧୪ରେ ଏକ ମାମଲା ରୁଜୁ ହୋଇଥିଲା। ଜଗୁ କୌଣସି ହତ୍ୟା ମାମଲାରେ ସମ୍ପୃକ୍ତ ଥାଇ ୪ ବର୍ଷ ହେଲା ଫେରାର ଥିଲେ।

### ରାସ୍ତା ମରାମତି ପାଇଁ ବିଡିଓଙ୍କୁ ଦାବିପତ୍ର

ପୁରୁଷୋତ୍ତମପୁର,୨୩।୯(ଡି.ଏନ୍.ଏ.): ପୁରୁଷୋତ୍ତମପୁର ବ୍ଲକ ଶିକୁଳା-ଅରଖପୁର ପଞ୍ଚାୟତର ଛାତ୍ର ଓ ଜନସାଧାରଣ ରାସ୍ତା ମରାମତି ଦାବିରେ ଶନିବାର ପୁରୁଷୋତ୍ତମପୁର ଆସି ବିଡିଓ ପି. ଅନ୍ୱେଶା ରେଡ୍ଡୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାସହ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଦାବି ଜଣାଇବାକୁ ଆସିଥିବାବେଳେ କାର୍ଯ୍ୟାଳୟରେ କେହି କର୍ମଚାରୀ ନ ଥିବାରୁ ଧାରଣାରେ ବସିଥିଲେ। ମାତ୍ର ଦୀର୍ଘ ସମୟ ପର୍ଯ୍ୟନ୍ତ କେହି ନ ଆସିବାରୁ ନିରାଶ ହୋଇ ଫେରିଥିଲେ। ସେମାନେ ଅଭିଯୋଗ କରିଛନ୍ତି ପୁରୁଷୋତ୍ତମପୁର ଠାରୁ କୋଦଳାକୁ ସଂଯୋଗ କରୁଥିବା ଆର୍‌ଡି ବିଭାଗର ମୁଖ୍ୟରାସ୍ତା ଝରଣଛକଠାରୁ ମଠସରସିଂ ପର୍ଯ୍ୟନ୍ତ ପ୍ରାୟ ୧୦ କିମି ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଛି। ଏନେଇ ଅଭିଯୋଗ କଲେ ମଧ ମରାମତି ହେଉନାହିଁ। ଫଳରେ ଅନେକ ସମୟରେ ଦୁର୍ଘଟଣା ଘଟିବା ସହ ଅଞ୍ଚଳକୁ ବସ୍ ଓ ଆମ୍ବୁଲାନ୍ସ ଯାଇପାରୁନାହିଁ। ଏନେଇ ବିଡିଓ ପି. ଅନ୍ୱେଶା ରେଡ୍ଡୀ କହିଛନ୍ତି ଏହି ରାସ୍ତା ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଜଣାଯାଇଛି, ତୁରନ୍ତ ମରାମତି ଲାଗି ପଦକ୍ଷେପ ନିଆଯିବ।

## ଗଞ୍ଜାମ ପ୍ରତି କେନ୍ଦ୍ର ସରକାରଙ୍କ ଅବହେଳା

# ନିର୍ମାଣ ହେଉନି ରଙ୍ଗେଇଲୁଣ୍ଡା ବିମାନ ବନ୍ଦର

■ବିମାନ ସେବା ମନ୍ତ୍ରୀଙ୍କ ପ୍ରତିଶ୍ରୁତିକୁ ପୂରିଛି ୨ବର୍ଷ
■ପ୍ରସ୍ତାବରେ ସୀମିତ ଏୟାରଷ୍ଟ୍ରିପ୍ ସମ୍ପ୍ରସାରଣ
■ଜିଲା କଂଗ୍ରେସର ଆନ୍ଦୋଳନ ଚେତାବନୀ

ବ୍ରହ୍ମପୁର ଅଫିସ,୨୩।୯

ଦକ୍ଷିଣ ଓଡ଼ିଶାର ବୃହତ୍ତମ ସହର ବ୍ରହ୍ମପୁର ନିକଟ ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପକୁ ପୂର୍ଣ୍ଣାଙ୍ଗ ବିମାନ ବନ୍ଦରରେ ପରିଣତ କରିବାରେ କେନ୍ଦ୍ର ସରକାର ଅବହେଳା କରୁଛନ୍ତି । କାର୍ଯ୍ୟକାରୀ କରାଇବାରେ ରାଜ୍ୟ ସରକାର ମଧ ଚୁପ୍ ରହିଛନ୍ତି । ଗଞ୍ଜାମ ଜିଲା କଂଗ୍ରେସ ଏହିଅଭିଯୋଗ କରିଛି ଓ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ତୁରନ୍ତ ପଦକ୍ଷେପ ନେବା ସହ ବିମାନ ବନ୍ଦର ନିର୍ମାଣ କରିବାକୁ ଦାବି ହୋଇଛି । ନ ଚେତ ଏହାର ପ୍ରତିବାଦରେ ଜନ ଆନ୍ଦୋଳନ ସୂତ୍ରପାତ କରିବାର ଚେତାବନୀ ଦିଆଯାଇଛି । ସୂଚନାଯୋଗ୍ୟ, ବ୍ରିଟିଶ ଶାସନରେ ଶତାଧିକ ବର୍ଷ ପୂର୍ବେ ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପ ନିର୍ମିତ ହୋଇଥିଲା । ୫୦ ବର୍ଷ ପୂର୍ବେ ରଙ୍ଗେଇଲୁଣ୍ଡାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଛି । ସେହି ପରିସରକୁ ଭଞ୍ଜବିହାର ନାମରେ ନାମିତ କରାଯାଇଛି ଏବଂ ଏୟାରଷ୍ଟ୍ରିପ ମଧ ରହିଛି । ଏହାର ରନୱେ କମ ଥିବାରୁ କେବଳ ଛୋଟ ବିମାନ ଓ ହେଲିକପ୍ଟର ଅବତରଣ ଓ ଉଡ଼ାଣର ସୁବିଧା ରହିଛି ।

ଅନ୍ତର୍ଜାତିକ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନିତ ହୋଇଥିବା ଗୋପାଳପୁର, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ପ୍ରତିରକ୍ଷା ବିଭାଗର ମିଲିଟାରି କ୍ୟାଣ୍ଟନମେଣ୍ଟ, ଗୋପାଳପୁର ବନ୍ଦର, ଭାରତୀୟ ବିରଳ ମୃତ୍ତିକା ସଂସ୍ଥା (ଆଇଆରଇ), କେନ୍ଦ୍ରୀୟ ଶିକ୍ଷା ପ୍ରକଳ୍ପ ଆଇଜର, ଖଲ୍ଲିକୋଟ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ଆଦି ଥିବାରୁ ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପକୁ ପୂର୍ଣ୍ଣାଙ୍ଗ ବିମାନ ବନ୍ଦର କରାଯିବା ଜରୁରୀ ହୋଇଯାଇଛି । ମେଡିକାଲ କଲେଜ, ବିଶ୍ୱବିଦ୍ୟାଳୟ, ଆଇଜର ଆଦିକୁ ଯିବା ଆସିବା କରୁଥିବା ପ୍ରଫେସର ଏବଂ ବ୍ୟବସାୟୀ ଓ ବିତ୍ତଶାଳୀ ଲୋକେ ବିମାନ ଯାତ୍ରା ପାଇଁ ବ୍ରହ୍ମପୁରରୁ ବିଶାଖାପାଟଣା ଓ ଭୁବନେଶ୍ୱର ଯିବାକୁପଡୁଛି । ଗୋପାଳପୁରକୁ ଆସୁଥିବା ଦେଶ ବିଦେଶର ପର୍ଯ୍ୟଟକମାନେ ବିମାନ ସେବା ପାଇପାରୁନାହାନ୍ତି। ୫ ବର୍ଷ ପୂର୍ବେ ଭୁବନେଶ୍ୱର ଓ ରଙ୍ଗେଇଲୁଣ୍ଡା ମଧ୍ୟରେ ଏକ ଛୋଟ ଘରୋଇ ବିମାନ ଚଳାଚଳ ଆରମ୍ଭ ହୋଇଥିଲା । ଅଳ୍ପ ଦିନ ପରେ ବନ୍ଦ ହୋଇଗଲା । ଅପରପକ୍ଷରେ ବିଭିନ୍ନସ୍ତରରୁ ବହୁ ଦାବି ହେବାରୁ ଏୟାରଷ୍ଟ୍ରିପ ସମ୍ପ୍ରସାରଣ ଓ ବିମାନ ବନ୍ଦର ନିର୍ମାଣ ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଲେ । ଏହାର ରନୱେ ସମ୍ପ୍ରସାରଣ ଲାଗି ଆବଶ୍ୟକ ପଡୁଥିବା ଘରୋଇ ଜମି ଅଧିଗ୍ରହଣ ପାଇଁ ସରକାର ନିର୍ଦ୍ଦେଶ ଦେଇଥିଲେ । ଦାୟିତ୍ୱ ପୂର୍ତ୍ତ ବିଭାଗକୁ ନ୍ୟସ୍ତ କରାଯାଇଥିଲା। ଘରୋଇ ଜମିର ମୂଲ୍ୟ ମାତ୍ରାଧିକ ହେବାରୁ ତାହା ଠପ୍ ହୋଇଗଲା ।

ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ପୀତବାସ ପଣ୍ଡା କହିଛନ୍ତି, ଗତ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଝାରସୁଗୁଡ଼ା ବିମାନ ବନ୍ଦର ଲୋକାର୍ପଣ କରିଛନ୍ତି। ଆଗାମୀ ଦିନରେ କୋରାପୁଟ, କଳାହାଣ୍ଡି ଓ ସୁନ୍ଦରଗଡ଼ ଜିଲାରେ ବିମାନ ବନ୍ଦର ନିର୍ମାଣ କରାଯିବାର ସେ ସୂଚନା ଦେଇଛନ୍ତି। ତେବେ ଦକ୍ଷିଣ ଓଡ଼ିଶାର ରଙ୍ଗେଇଲୁଣ୍ଡା ବିମାନ ବନ୍ଦର ପ୍ରତି କେନ୍ଦ୍ର ସରକାରଙ୍କ ବୈମାତୃକ ମନୋଭାବ ପ୍ରମାଣିତ ହୋଇଥିବା ପଣ୍ଡା କଟାକ୍ଷ କରିଛନ୍ତି । ସେ ଆହୁରି ମଧ କହିଛନ୍ତି ବ୍ରହ୍ମପୁର ନିକଟ ଶୀତଳାପଲ୍ଲୀ ପ୍ରସ୍ତାବିତ ରେଳ ୱାଗନ କାରଖାନା ବନ୍ଦ କରାଯାଇଛି। ସର୍ଭେର ୧୦ ବର୍ଷ ବିତିବାକୁ ଯାଉଥିବା ବେଳେ ଗୋପାଳପୁର-ରାୟଗଡ଼ା ନୂଆ ରେଳପଥ ନିର୍ମାଣ ଆରମ୍ଭ ହୋଇନାହିଁ । ଏଭଳି ସ୍ଥିତିରେ ପୁଣି ରଙ୍ଗେଇଲୁଣ୍ଡା ବିମାନ ବନ୍ଦର ପ୍ରତି ଉପେକ୍ଷା କରାଯାଇଛି ।

ସୂଚନାଯୋଗ୍ୟ, ୨୦୧୬ ଜୁନ ୧୪ରେ ଭାଜପା ନେତୃତ୍ୱାଧିନ ଏନ୍‌ଡିଏ ସରକାରଙ୍କ ବିକାଶ ଉତ୍ସବ ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଥିଲା। ସେତେବେଳେ ତେଲୁଗୁ ଦେଶମ ପାର୍ଟି (ଟିଡିପି) ଏନ୍‌ଡିଏରେ ଥିଲା । ତତ୍କାଳୀନ କେନ୍ଦ୍ର ବେସାମରିକ ବିମାନ ସେବା ମନ୍ତ୍ରୀ ପି. ଅଶୋକ ଗଜପତି ରାଜୁ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ଅନୁଷ୍ଠାନ ଓ ଭାଜପା ଗଞ୍ଜାମ ଜିଲା ଶାଖା ପକ୍ଷରୁ ରଙ୍ଗେଇଲୁଣ୍ଡା ବିମାନ ବନ୍ଦର ନିର୍ମାଣ ଦାବି ନେଇ ମନ୍ତ୍ରୀଙ୍କୁ ସ୍ମାରକପତ୍ର ଦେଇଥିଲେ। ଖୁବଶୀଘ୍ର ବିଚାର କରାଯାଇ ପଦକ୍ଷେପ ନିଆଯିବାର ମନ୍ତ୍ରୀ ଗଜପତି ରାଜୁ ଉତ୍ସବରେ ସୂଚନା ଦେଇଥିଲେ । ଏହାର ୨ ବର୍ଷ ପୁରିଛି ଓ କେନ୍ଦ୍ର ସରକାର କୌଣସି ପଦକ୍ଷେପ ନେଇନାହାନ୍ତି । ତେଣୁ ଦକ୍ଷିଣ ଓଡ଼ିଶା ଓ ଗଞ୍ଜାମ ଜିଲା ପ୍ରତି କେନ୍ଦ୍ର ସରକାରଙ୍କ ଅବହେଳା ପ୍ରମାଣିତ ହୋଇଥିବା ବିଭିନ୍ନ ମହଲରୁ ସମାଲୋଚନା କରାଯାଇଛି ।



ଭୁବନେଶ୍ୱର ଦ ପ୍ରେସ୍ କ୍ଲବ ଅଫ୍ ଓଡ଼ିଶା ପରିସରରେ ରବିବାର ଗଞ୍ଜାମ ଜିଲା ସୋରଡ଼ାର ୧୯୯୩ ମାଟ୍ରିକ୍ ବ୍ୟାଚ୍ ଛାତ୍ରୀଛାତ୍ରୀଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅବସରରେ ଧରିତ୍ରୀ ଏବଂ ଓଡ଼ିଶାପୋଷ୍ଟର 'ପ୍ଲାଷ୍ଟିକ୍ ଫ୍ରି ଓଡ଼ିଶା' ଅଭିଯାନକୁ ସମର୍ଥନ କରାଯାଉଛି।

### ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ

କନିଷି,୨୩।୯(ଡି.ଏନ.ଏ.)

ରଙ୍ଗେଇଲୁଣ୍ଡା ବ୍ଲକ ଗୋଳନ୍ଥରା ଗ୍ରାମରେ ରବିବାର ଗାୟତ୍ରୀ ସଂସ୍ଥା ପକ୍ଷରୁ ଗ୍ରାମବାସୀଙ୍କ ସହଯୋଗରେ ରାଧାକୃଷ୍ଣ ମନ୍ଦିର ନିକଟରେ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ମହାଯଜ୍ଞର ମୁଖ୍ୟ ପଣ୍ଡିତ ଗୋକୁଳ ଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ସକାଳେ କଳସ ଯାତ୍ରା, ଜଳଯାତ୍ରା, ଯଜ୍ଞ ଓ ସନ୍ଧ୍ୟାରେ ଦୀପଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିରେ ରଙ୍ଗେଇଲୁଣ୍ଡା ବ୍ଲକ ୫୩ନଂ ଜୋନ ଜିଲା ପରିଷଦ ସଭ୍ୟ ବିନୋଦ ଚନ୍ଦ୍ର ମିଶ୍ର, ଗୋଳନ୍ଥରା ଗ୍ରାମପଞ୍ଚାୟତ ସରପଞ୍ଚ ସସ୍ମିତା ଜେନା, ଅବସରପ୍ରାପ୍ତ ଅଧାପକ ଡ. ବୃନ୍ଦାବନ ମିଶ୍ର ପ୍ରମୁଖଙ୍କ ସହ ଗ୍ରାମବାସୀ ଯୋଗ ଦେଇଥିଲେ। ଏଥି ପାଇଁ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା।

## ୧୯୯୩ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ

# ପ୍ଲାଷ୍ଟିକ୍ ଫ୍ରି ଓଡ଼ିଶା ଅଭିଯାନକୁ ସମର୍ଥନ ଜଣାଇଲେ

ଭୁବନେଶ୍ୱର,୨୩।୯(ବ୍ୟୁରୋ)

ଗଞ୍ଜାମ ଜିଲା ସୋରଡ଼ାସ୍ଥିତ ଶଶିଭୂଷଣ ହାଇସ୍କୁଲ ଓ ସରକାରୀ ଗର୍ଲ୍ସ ହାଇସ୍କୁଲର ୧୯୯୩ ମାଟ୍ରିକ୍ ବ୍ୟାଚ୍‌ର ଛାତ୍ରୀଛାତ୍ରମାନଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଭୁବନେଶ୍ୱରର ଦ ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶା ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସୋରଡ଼ା, ବ୍ରହ୍ମପୁର, ଭୁବନେଶ୍ୱର, ଅନୁଗୋଳ, ହାଇଦ୍ରାବାଦ, କୋଲକାତାରେ ରହୁଥିବା ଉଭୟ ହାଇସ୍କୁଲର ଛାତ୍ରୀଛାତ୍ରମାନେ ପରିବାର ସହ କାର୍ଯ୍ୟକ୍ରମରେ ଯୋଗଦେଇ ପିଲାଦିନର ସ୍ମୃତି ସାଉଁଟିଥିଲେ। ବିଶେଷ କରି ସାଙ୍ଗମାନଙ୍କ ସହ ବିତାଇଥିବା ମୁହୂର୍ତ୍ତଗୁଡ଼ିକୁ ମନେପକାଇବା ସହ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମରେ ନିଜକୁ ହଜାଇଥିଲେ। ଏହି ଅବସରରେ ସେମାନେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ପକ୍ଷରୁ ଚାଲିଥିବା 'ପ୍ଲାଷ୍ଟିକ୍ ଫ୍ରି ଓଡ଼ିଶା' ଅଭିଯାନକୁ ସମର୍ଥନ ଜଣାଇଥିଲେ।

# ନୂଆପଡାରେ ମନୁସେନାର ସମାବେଶ

ଟିକିଟି,୨୩।୯(ଡି.ଏନ.ଏ.)

ଟିକିଟି ଓ ପାତ୍ରପୁର ବ୍ଲକ୍‌ର ଯୁବକମାନଙ୍କୁ ନେଇ ଗଠିତ ଭାଜପା ସମର୍ଥିତ ମନୁସେନା ତରଫରୁ ଟିକିଟି ବ୍ଲକ୍ ନୂଆପଡା ଶିବମନ୍ଦିର ନିକଟରେ ରବିବାର ଏକ ବିଶାଳ ସମାବେଶ ଅନୁଷ୍ଠିତ ହୋଇଥିଲା। ବହୁ ସଂଖ୍ୟାରେ ଦଳୀୟ କର୍ମୀ ବାଇକ୍ ଯୋଗେ ପାତ୍ରପୁରରୁ ଶୋଭାଯାତ୍ରାରେ ଧାନଘର, ଟିକିଟି ମୁଖ୍ୟରାସ୍ତା, କେ.ନୂଆଗାଁ, ଡଭାର, ଚାନ୍ଦପୁର ଦେଇ ପରିକ୍ରମା କରି ବିଜେଡି ସରକାରଙ୍କ ଦୁର୍ନୀତି ବିରୋଧରେ ଲୋକଙ୍କୁ ସଚେତନ କରାଇଥିଲେ। ପରେ ନୂଆପଡ଼ା ଶିବମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ସମାବେଶରେ ମନୁସେନାର ଆବାହକ ତଥା ଭାଜପା ନେତା ମନୋରଞ୍ଜନ ଦ୍ୟାନ ସାମନ୍ତରା ଯୋଗଦେଇ ଟିକିଟି ନିର୍ବାଚନ ମଣ୍ଡଳୀରେ ଦୀର୍ଘ ୧୯ବର୍ଷ ଧରି ଚାଲିଥିବା ଅରାଜକତା, ଦୁର୍ନୀତି ହଟାଇବା ଆମର ଲକ୍ଷ୍ୟ ବୋଲି କହିଥିଲେ। ମନୁସେନାର କର୍ମୀମାନେ ସାଧାରଣ ଲୋକଙ୍କ ବିଶ୍ୱାସଭାଜନ ହେବା ଭଳି କାର୍ଯ୍ୟ କରିବାକୁ ଦ୍ୟାନସାମନ୍ତରା ଆହ୍ୱାନ ଦେଇଥିଲେ। ପାତ୍ରପୁର ମଣ୍ଡଳ ସଭାପତି ତଥା ମନୁସେନା ଉପଦେଷ୍ଟା ତ୍ରିନାଥ ମିଶ୍ର, ସଂଯୋଜକ ସରୋଜ ପଣ୍ଡା, ସହସଂଯୋଜକ ଦେବଦତ୍ତ ପଣ୍ଡା, ରାଜ୍ୟ କାର୍ଯ୍ୟକାରୀଣୀ ସଦସ୍ୟ ଉତ୍ତମ ପାଣିଗ୍ରାହୀ, କୃଷକ ମୋର୍ଚ୍ଚା ପ୍ରଭାରୀ ଅଜିତ କୁମାର ପ୍ରଧାନଙ୍କ ସମେତ ପ୍ରଶାନ୍ତ ଜାହ୍ନି, ଚମ୍ପଲ ପ୍ରଧାନ, ଲକ୍ଷ୍ମୀନାରାୟଣ ମିଶ୍ର, ଏସ୍ ନାଗଭୂଷଣ ପ୍ରମୁଖ ଶତାଧିକ କର୍ମୀ ସମାବେଶରେ ଉପସ୍ଥିତ ଥିଲେ। ଅକ୍ଟୋବର ୩୦ ତାରିଖରେ ମନୁସେନା ତରଫରୁ ଟିକିଟି ବ୍ଲକ୍ ଘେରାଉ କରାଯିବ ବୋଲି ସ୍ଥିର ହୋଇଛି।




ସମାବେଶରେ ଉପସ୍ଥିତ ମନୁସେନା କାର୍ଯ୍ୟକର୍ତ୍ତା।

### ଆଞ୍ଚଳିକସ୍ତରୀୟ ଅଲିଭା ମହାସଂଘ ବୈଠକ

ଆର.ଉଦୟଗିରି,୨୩।୯(ଡି.ଏନ.ଏ.)

ଆର.ଉଦୟଗିରି ପଞ୍ଚାୟତରେ ଥିବା ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ଆଞ୍ଚଳିକସ୍ତରୀୟ ଅଲିଭା ମହାସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆର.ଉଦୟଗିରି, ବସ୍ତିଗୁଡ଼ା, ଶବରପଲ୍ଲୀ, ଅବାରସିଂ ପଞ୍ଚାୟତର ନିର୍ବାଚିତ ମହିଳା ପ୍ରତିନିଧି ଯୋଗ ଦେଇଥିଲେ। ବୈଠକରେ ମହିଳା ଅଲିଭା ମହାସଂଘର ସଭାନେତ୍ରୀଙ୍କ ଅଧକ୍ଷତାରେ ବ୍ଲକର ବିଭିନ୍ନ ସମସ୍ୟା ଏବଂ ମହିଳା ନିର୍ବାଚିତ ପ୍ରତିନିଧି କିପରି ଜନହିତକର କାର୍ଯ୍ୟ କରୁଛନ୍ତି ସେ ନେଇ ଆଲୋଚନା ହୋଇଥିଲା। ଗାଁ କଲ୍ୟାଣ ପାଣ୍ଠି କିପରି ପରିଚାଳିତ ହେଉଛି ଏବଂ ସେମାନଙ୍କ ଉପସ୍ଥାନ ଖାତା ମଧ ଦେଖାଯାଉ ନ ଥିବା ଏବଂ କାର୍ଯ୍ୟଶୈଳୀ ଠିକ୍ ଭାବେ ହେଉ ନ ଥିବା ଅଭିଯୋଗ ହୋଇଥିଲା। ଏଥିପ୍ରତି ସମସ୍ତ ମହିଳା ପ୍ରତିନିଧି ଗୁରୁତ୍ୱର ସହ କିପରି ଦୃଷ୍ଟି ଦେବେ ଏବଂ ମହାସଂଘ ପକ୍ଷରୁ ବିଭାଗୀୟ ଅଧିକାରୀଙ୍କୁ ଦୃଷ୍ଟି ଆକର୍ଷଣ କରିବାକୁ ନିଷ୍ପତ୍ତି ହୋଇଥିଲା। ମହାସଂଘର ସମ୍ପାଦିକା ପରିଚାଳନା କରିଥିବା ବେଳେ ସମସ୍ତ ସଙ୍ଗଠନର କର୍ମକର୍ତ୍ତା ସହଯୋଗ କରିଥିଲେ।

## ମୃତ୍ୟୁଞ୍ଜୟ ପ୍ରଧାନ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ

# ସାରଙ୍ଗଗଡ଼କୁ ହରାଇ ଭଞ୍ଜନଗର ଚାମ୍ପିୟନ

ଭଞ୍ଜନଗର,୨୩।୯(ଡି.ଏନ.ଏ.)

ମୃତ୍ୟୁଞ୍ଜୟ ପ୍ରଧାନ ସ୍ମାରକୀ ଦିନିକିଆ ଭେଟେରାନ ଫୁଟବଲ ଟୁର୍ନାମେଣ୍ଟ ରବିବାର ଭଞ୍ଜନଗର ଜେଲ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଫାଇନାଲରେ ଭଞ୍ଜନଗର ପେନାଲ୍ଟିରେ ୪-୨ ଗୋଲରେ ସାରଙ୍ଗଗଡ଼କୁ ହରାଇ ଚାମ୍ପିୟନ ହୋଇଛି। ବାପୁନା ସିଂ ଶ୍ରେଷ୍ଠ ଗୋଲକିପର, ଦିଲୀପ ବେହେରା ଶ୍ରେଷ୍ଠ ଫରୱାର୍ଡ଼ ଓ ଟୁକୁନା ସିଂ ମ୍ୟାନ୍ ଅଫ୍ ଦି ସିରିଜ୍ ଭାବେ ପୁରସ୍କୃତ ହୋଇଛନ୍ତି। ରେଫରି ଭାବେ ସରୋଜ ମୁନି, ପି.ରମେଶ, ସପନ ବୈରାଗୀ ମ୍ୟାଚ୍‌ଗୁଡ଼ିକୁ ପରିଚାଳନା କରିଥିଲେ । ଭଞ୍ଜନଗର ଡିଏଫଓ ରାମସାମୀ ପି. ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଭଞ୍ଜନଗର ଏସ୍‌ଡିପିଓ ଉତ୍କଳ କେଶରୀ ଦାସ ଏବଂ ଘୁମୁସର ଆଥ୍‌ଲେଟିକ୍ ଆସୋସିଏଶନ ସଭାପତି ଅମର ରଥ ଅତିଥି ଭାବେ ଯୋଗଦେଇ ପୁରସ୍କାର ବଣ୍ଟନ କରିଥିଲେ। ପ୍ରଶାନ୍ତ ମହାନ୍ତି ଧାରାବିବରଣୀ ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟରେ ନୟାଗଡ଼, ବ୍ରହ୍ମପୁର, ଫୁଲବାଣୀ, ସାରଙ୍ଗଗଡ଼, ଭଞ୍ଜନଗରର ୨ଟି ଟିମ୍ ଭାଗ ନେଇଥିଲା । ସଦାନନ୍ଦ ପ୍ରଧାନ, ସୁଧୀର ରଞ୍ଜନ ବେହେରା, ଈଶ୍ୱର ଆଚାରୀ, ପି.ଆନନ୍ଦ ରାଓ, ପ୍ରବୀଣ ଖାଡ଼େଙ୍ଗା, ମୋଚିରାମ ରଣସିଂ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ ।



ଚାମ୍ପିୟନ ଓ ରନର୍ସଅପ୍ ଟିମ୍‌ର ଖେଳାଳିଙ୍କ ଗହଣରେ ଅତିଥିମାନେ ।

# ସମବାୟ ଋଣ ପ୍ରଦାନରେ ଚଞ୍ଚକତା ଅଭିଯୋଗ

ଦିଗପହଣ୍ଡି,୨୩।୯(ଡି.ଏନ.ଏ.)

■୨୦ ସେବା ସମବାୟ ସମିତିରେ ଜେଏଲଜି ଯୋଜନାରେ ଅନିୟମିତତା
■୨୮୭ ଗ୍ରୁପକୁ ଦିଆଯାଇଛି ୧ କୋଟି ୬୫ ଲକ୍ଷ ଟଙ୍କା ଋଣ
■ଅଣଚାଷୀ, ନାବାଳକଙ୍କୁ ମିଳିଛି, ଭିଜିଲାନ୍ସ ତଦନ୍ତ ଦାବି

ଦିଗପହଣ୍ଡି ବ୍ଲକ ଅଧୀନ ପ୍ରାଥମିକ ସେବା ସମବାୟ ସମିତି ପକ୍ଷରୁ ମିଳିତ ଦେୟ ଗୋଷ୍ଠୀ କୃଷିଋଣ ଯୋଜନାରେ ଚଞ୍ଚକତା କରାଯାଇଥିବା ଅଭିଯୋଗ ହୋଇଛି। ଭାଗଚାଷୀ ବଦଳରେ ଅଣ ଚାଷୀମାନଙ୍କୁ ରାଜନୈତିକ ସ୍ୱାର୍ଥ ସାଧନ ପାଇଁ ଋଣ ମଞ୍ଜୁର କରାଯାଇଥିବା ସିପିଆଇ ରାଜ୍ୟ ପରିଷଦ ସଦସ୍ୟ ଅଳକ ନାଥ ମିଶ୍ର ଅଭିଯୋଗ କରିଛନ୍ତି। ଏହି ଋଣ ଜାଲିଆତିରେ ଭିଜିଲାନ୍ସ ତଦନ୍ତ ପାଇଁ ସେ ଦାବି କରିଛନ୍ତି। ବ୍ରହ୍ମପୁର କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଦିଗପହଣ୍ଡି ଶାଖା ଅଧୀନରେ ଥିବା ୨୦ଟି ସେବା ସମବାୟ ସମିତି ମାନଙ୍କରେ ନୂତନ ଭାବେ ଗଠନ କରାଯାଇଥିବା ୨୮୭ଟି ମିଳିତ ଦେୟ ଗୋଷ୍ଠୀ (ଜେଏଲଜି)ର ୧୬୫୨ ସଭ୍ୟାସଭ୍ୟମାନଙ୍କୁ ୧ କୋଟି ୬୫ ଲକ୍ଷ ୨୦ ହଜାର ଟଙ୍କା ଋଣ ମଞ୍ଜୁର କରାଯାଇଥିବା ସେ ଦର୍ଶାଇଛନ୍ତି। ପ୍ରତ୍ୟେକ ସଭ୍ୟାସଭ୍ୟଙ୍କୁ ବିନା ଗ୍ୟାରେଣ୍ଟରେ ୧୦ ହଜାର ଟଙ୍କା ଲେଖାଏଁ ଋଣ ପ୍ରଦାନ କରାଯାଇଛି।

ଦିଗପହଣ୍ଡି ପ୍ରାଥମିକ ସେବା ସମବାୟ ସମିତି ମାଧମରେ ୧୫ଟି ଗ୍ରୁପ ଗଠନ କରାଯାଇ ୯୩ ଜଣ ସଭ୍ୟାସଭ୍ୟଙ୍କୁ ୯ ଲକ୍ଷ ୩୦ ହଜାର ଟଙ୍କା ଜେଏଲଜି ଯୋଜନାରେ ଋଣ ମଞ୍ଜୁର କରାଯାଇଛି। ପ୍ରକୃତ ଚାଷୀଙ୍କୁ କୃଷିଋଣ ପ୍ରଦାନ କରାନଯାଇ ଅଣଚାଷୀ ଏପରିକି ୧୮ ବର୍ଷ ବୟସରୁ କମ ଯୁବତୀ ଯୁବକଙ୍କୁ ଋଣ ପ୍ରଦାନ କରାଯାଇଥିବା ନେଇ ଅଭିଯୋଗ ହୋଇଛି। କେଉଁ ଆଇନ ବଳରେ ଅଣଚାଷୀମାନଙ୍କୁ ଋଣ ମଞ୍ଜୁର କରାଯାଇଛି ତାହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଚାଷୀ ଏମ. ରାମଚନ୍ଦ୍ର, ଗୋପାଳ ଗୌଡ଼, ଏମ. ବାଇନାଥ, ଗୌର ଚନ୍ଦ୍ର ପୁଜାରୀ, ସମୀର ଚନ୍ଦ୍ର ମିଶ୍ର ପ୍ରମୁଖ ଦାବି କରିଛନ୍ତି।

ଦିଗପହଣ୍ଡି ସେବା ସମବାୟ ସମିତି ସଭାପତି ଅଶ୍ୱିନୀ କୁମାର ଦାସଙ୍କୁ ପଚାରିବାରେ ଋଣ ନେଇଥିବା ବ୍ୟକ୍ତି ଜଣକ ଭାଗଚାଷୀ ହୋଇଥିବେ, ସେ ଋଣ ପରିଶୋଧ ପାଇଁ ବାଧ ଥିବା ବେଳେ ଦେବାଳିଆ ହୋଇନଥିବେ କିମ୍ବା ପୂର୍ବରୁ ସମସ୍ତ ଋଣ ପରିଶୋଧ କରିଥିବା ଆବଶ୍ୟକ ବୋଲି ଜଣାଇଛନ୍ତି। ବ୍ରହ୍ମପୁର କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଉପନିବନ୍ଧକ ସୁଶାନ୍ତ କୁମାର ପଣ୍ଡାଙ୍କ ଦୃଷ୍ଟି ଆକର୍ଷଣ କରିବାରେ ନିର୍ଦ୍ଦିଷ୍ଟ ଅଭିଯୋଗ ମିଳିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ସମବାୟ ବ୍ୟାଙ୍କ ସମ୍ପାଦକ ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କୁ ଯୋଗାଯୋଗ କରିବାରେ ଖୁବଶୀଘ୍ର ଏନେଇ ତଦନ୍ତ କରାଯିବ ବୋଲି ଜଣାଇଛନ୍ତି।

